ସତ୍ୟବାକ୍ୟ

# THE WORD OF TRUTH

## JULY & AUGUST 2015

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By


**Joshua & Kabita Gootam.**

**CHURCH OF CHRIST**

P.O.Box.No.80,Kakinada

A.P.-533 001

Ph:0884-2363722


**Vol.20.July & August-2015-No-4**

**Published every two months in ORIYA langage for the Restoration of pure New Testment Christanity.**


## There's Great day Coming

**Introduction:**

**Excuses that won't work at the Judgment:**

**1.Lord, I didn't know enough.**

"Thy word is a..........light unto my path" (Psalm119:105).

**2.Lord,I didn't know which Church to Join.**

"And I say... I will build my Church

(Matthew 16:18). Search,and look" (John 7:52).

**3.Lord, I didn't believe I could hold out.**

"I can do all things through Church which

strengtheth me" (Philippians 4:13).

**4.Lord, I thought sincerity was all I needed.**

"Not every one that saith unto

me,Lord,Lord,shall enter..... but he that doeth

the will of my Father which is in heaven" (Matthew 7:21).

# ସତ୍ୟବାଣୀ

# VOICE OF TRUTH

VOL - XX KAKINADA JUL-AUG-2015


## ପରମେଶ୍ୱରଙ୍କ ଉତ୍ତମତା

## (The Goodness of God)

ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି, "....ଈଶ୍ୱରଙ୍କ କୃପା ଯେ ତୁମ୍ଭକୁ ମନ ପରିବର୍ତ୍ତନ ଆଡ଼କୁ ଘେନି ଯିବାକୁ ଚେଷ୍ଟା କରେ....." (୨:୪) । "ସେ ପ୍ରଥମରେ ଆମ୍ଭମାନଙ୍କୁ ପ୍ରେମ କରିବାରୁ ଆମ୍ଭେମାନେ ପ୍ରେମ କରୁ ।" (୧ମ ଯୋହନ ୪:୧୯) । ଏହି ଅଧ୍ୟାୟରେ ପରମେଶ୍ୱରଙ୍କ କୃପା, ତାହାଙ୍କ ଉତ୍ତମତା ବିଷୟରେ ବର୍ଣ୍ଣନା କରାଯାଇଅଛି ।

୧) ପରମେଶ୍ୱର ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତର ପରିତ୍ରାଣ ନିମନ୍ତେ ପ୍ରେରଣ କରିଥିଲେ । ଏତଦ୍ୱାରା ତାହାଙ୍କ ପ୍ରେମ, କୃପା ଓ ଉତ୍ତମତା ପ୍ରକାଶ ପାଏ । "କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେ କେହି ତାହାଙ୍କ ଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ ।" (ଯୋହନ ୩:୧୬) ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି, "ଈଶ୍ୱରଙ୍କ ଅକଥନୀୟ ଦାନ ନିମନ୍ତେ ତାହାଙ୍କର ଧନ୍ୟବାଦ ହେଉଁ ।" (୨ କରିନ୍ଥୀ ୯:୧୫) । ପରମେଶ୍ୱରଙ୍କ ଦାନ ଏତେ ମହାନ୍ ଓ ବହୁମୂଲ୍ୟ ଯେ, ତାହା ବର୍ଣ୍ଣନା କରାଯାଇ ନ ପାରେ ବା "ଅକଥନୀୟ" । ତାହାଙ୍କର ଏହି ଅକଥନୀୟ ଦାନ ଦ୍ୱାରା ତାହାଙ୍କ ଉତ୍ତମତା ପ୍ରକାଶିତ ହୁଏ । ସେ "...ପ୍ରତ୍ୟେକ ମନୁଷ୍ୟ ନିମନ୍ତେ ମୃତ୍ୟୁ ଆସ୍ୱାଦନ କରିଅଛନ୍ତି" ବୋଲି ଏବ୍ରୀ ୨:୯ ପଦରେ କୁହାଯାଇଅଛି । ପରମେଶ୍ୱରଙ୍କ ଅକଥନୀୟ ଦାନ ନିମନ୍ତେ ସଦା କୃତଜ୍ଞ ରହୁ ।

୨) ପରମେଶ୍ୱର ପକ୍ଷପାତୀ ନୁହନ୍ତି । ଏହାଦ୍ୱାରା ତାହାଙ୍କ ଉତ୍ତମତା ପ୍ରକାଶ କରେ । ପରମେଶ୍ୱରଙ୍କ ଦୃଷ୍ଟିରେ ସମସ୍ତ ମାନବଜାତି ସମାନ । ଧନୀ, ଦରିଦ୍ର, ଗୋରା

ବା କଳା ସମସ୍ତେ ତାହାଙ୍କ ଦୃଷ୍ଟିରେ ସମାନ । ପରମେଶ୍ୱର ସମସ୍ତ ଜାତି, ସମସ୍ତ ଭାଷାବାଦୀ, ସମସ୍ତ ମନୁଷ୍ୟଙ୍କୁ ସମାନ ଭାବେ ପ୍ରେମ କରନ୍ତି । (୧ମ ତୀମଥି ୨:୪) ପ୍ରେରିତ ପାଉଲ କର୍ଣ୍ଣଲୀୟଙ୍କ ଗୃହରେ ପ୍ରସଙ୍ଗରେ କହିଲେ, ''....ଈଶ୍ୱର ଯେ ମୁଖାପେକ୍ଷା କରନ୍ତି ନାହିଁ, କିନ୍ତୁ ପ୍ରତ୍ୟେକ ଜାତିରେ ଯେକେହି ତାହାଙ୍କୁ ଭୟ କରି ଧର୍ମାଚରଣ କରେ, ସେ ଯେ ତାହାଙ୍କ ନିକଟରେ ଗ୍ରହ୍ୟ ହୁଏ, ଏହା ମୁଁ ସତ୍ୟ ବୁଝୁଅଛି ।'' (ପ୍ରେରିତ ୧୦:୩୪,୩୫) । ପରମେଶ୍ୱର ନିଷ୍ପକ୍ଷବାଦୀ, ତାହାଙ୍କ ଏହି ଗୁଣ ତାହାଙ୍କ ଉତ୍ତମତା ପ୍ରକଟ କରେ ।

୩) ତାହାଙ୍କ ଦୟା, ଅନୁଗ୍ରହ ଓ ତାହାଙ୍କ ଦତ୍ତ ସୁରକ୍ଷା ତାହାଙ୍କ ଉତ୍ତମତା ପ୍ରକଟ କରେ । ''ଆମ୍ଭମାନଙ୍କ ସୁରକ୍ଷା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଈଶ୍ୱର ଓ ପିତା ଧନ୍ୟ, ସେ ଦୟାମୟ ପିତା ଓ ସମସ୍ତ ସାନ୍ତ୍ୱନାଦାତା'' ବୋଲି ପରମେଶ୍ୱରଙ୍କ ବିଷୟରେ ପ୍ରେରିତ ପାଉଲ ୨ କରିନ୍ଥୀ ୧:୩ ପଦରେ ଲେଖନ୍ତି । ଆମ୍ଭମାନଙ୍କ ପିତା ପରମେଶ୍ୱର ଆମ୍ଭମାନଙ୍କ ନିମନ୍ତେ ଚିନ୍ତା କରନ୍ତି । ''ତୁମ୍ଭମାନଙ୍କ ସମସ୍ତ ଚିନ୍ତାର ଭାର ତାହାଙ୍କ ଉପରେ ପକାଅ, କାରଣ ସେ ତୁମ୍ଭମାନଙ୍କ ନିମନ୍ତେ ଚିନ୍ତା କରନ୍ତି ।'' (୧ମ ପିତର ୫:୭) । ପରମେଶ୍ୱରଙ୍କ କୃପା, ଦୟା, ପ୍ରେମ, ଚିନ୍ତା ବିନୁ ଆମ୍ଭମାନଙ୍କ ଗତି କଅଣ ? ''....ଆମ୍ଭେ ତୁମ୍ଭକୁ କେବେହେଁ ଛାଡ଼ିବା ନାହିଁ, ଆମ୍ଭେ ତୁମ୍ଭକୁ କେବେହେଁ ପରିତ୍ୟାଗ କରିବା ନାହିଁ ବୋଲି ସେ ଆମ୍ଭମାନଙ୍କୁ ପ୍ରତିଜ୍ଞା କରିଅଛନ୍ତି ।

ପ୍ରଶ୍ନ ହେଲା, ପରମେଶ୍ୱରଙ୍କ ଉତ୍ତମତା କି ଆପଣଙ୍କୁ ମନ ପରିବର୍ତ୍ତନ ଆଡ଼କୁ କଢ଼ାଇ ନେଇଅଛି ? ସେ ଆମ୍ଭମାନଙ୍କୁ ପ୍ରେମ କରିଥିବାରୁ, ଆପଣ କି ତାହାଙ୍କୁ ପ୍ରେମ କରୁଅଛନ୍ତି ? ''....ଈଶ୍ୱରଙ୍କୁ ପ୍ରେମ କରିବା ଅର୍ଥ ତାହାଙ୍କ ଆଜ୍ଞା ପାଳନ କରିବା......!'' (୧ମ ଯୋହନ ୫:୩) । ପ୍ରିୟ ବନ୍ଧୁ, ଆମ୍ଭମାନଙ୍କ ସ୍ୱର୍ଗୀୟ ପିତା କୃପାମୟ, ଦୟାମୟ, ପ୍ରେମମୟ ଓ ଉତ୍ତମ ପରମେଶ୍ୱରଙ୍କ ଅଟନ୍ତି । ଆସ, ଆମ୍ଭେମାନେ ଆନନ୍ଦରେ ତାହାଙ୍କ ସେବା କରୁ ।

**- Ken Tyler**

# ଆମ୍ଭେମାନେ ବାୟୁ ମାତ୍ର
## (We are a Breath)

ଆୟୁବ, ଆପଣା କ୍ଲିଷ୍ଟ ସମୟରେ, ନ୍ୟାୟ ପାଇଁ କ୍ରନ୍ଦନ କରି କହିଥିଲେ, ''ପୃଥିବୀରେ କଅଣ ମନୁଷ୍ୟର ଯୁଦ୍ଧ ହୁଏ ନାହିଁ ଓ ତାହାର ଦିନସମୂହ କଅଣ ବେତନ ଜୀବୀର ଦିନ ତୁଲ୍ୟ ନୁହେଁ ? ଦାସ ଯେପରି ଛାୟାର ଆକାଂକ୍ଷା କରେ, ବେତନଜୀବୀ ଯେପରି ଆପଣା ବେତନର ଅପେକ୍ଷା କରେ, ମୁଁ ଅସାରତା ବିଶିଷ୍ଟ ମାସମାନର ଅଧିକାରୀ କରାଯାଇଅଛି ଓ କ୍ଲାନ୍ତିଜନକ ରାତ୍ରୀମାନ ମୋ ପାଇଁ ନିରୂପିତ ହୋଇଅଛି, ମୁଁ ଶୟନକାଳରେ କହେ, କେବେ ମୁଁ ଉଠିବି ? ଆଉ ରାତ୍ରୀ ଦୀର୍ଘ ହୁଏ, ଆଉ ମୁଁ ପ୍ରଭାତ ପର୍ଯ୍ୟନ୍ତ ନିରନ୍ତର ଛଟପଟ ହେଉଥାଏ । ମାଂସ କୀଟ ଓ ଧୂଳିଟେଲା ପରିହିତ, ମୋହର ଚର୍ମ ମିଶିଯାଏ ଓ ପୁନର୍ବାର ଫାଟିଯାଏ । ମୋହର ଦିନ ତନ୍ତୀର ନଳୀଠାରୁ ଶୀଘ୍ରଗାମୀ ଓ ଭରସା ବିନା ବ୍ୟୟ ହୋଇଥାଏ । ଆହେ, ମୋହର ପ୍ରାଣବାୟୁ ମାତ୍ର ବୋଲି ସ୍ମରଣ କର, ମୋହର ଚକ୍ଷୁ ଆଉ ମଙ୍ଗଳ ଦେଖିବ ନାହିଁ ।'' (ଆୟୁବ ୭:୧-୭) । ସେ ପୁନର୍ବାର ୧୬ତମ ପଦରେ କହନ୍ତି, ''ମୁଁ ଆପଣା ପ୍ରାଣକୁ ଘୃଣା କରେ, ମୁଁ ସର୍ବଦା ବଞ୍ଚିବାକୁ ଇଚ୍ଛା କରେ ନାହିଁ, ମୋତେ ଛାଡ଼, କାରଣ ମୋହର ଆୟୁ ଅସାର ।'' ମନୁଷ୍ୟର ଶ୍ୱାସ କେତେ ସ୍ୱଳ୍ପ ସମୟ ! ଅନନ୍ତଜୀବନର ତୁଳନାରେ, ଜଗତରେ ଆମ୍ଭମାନଙ୍କ ଜୀବନ ଏକ ''ପ୍ରଶ୍ୱାସ'' ତୁଲ୍ୟ ।

ସଦାପ୍ରଭୁଙ୍କ ସମସ୍ତ ସୃଷ୍ଟି ଓ ସମସ୍ତ ସୃଷ୍ଟିର ଉପରେ ସର୍ବାଧିପତ୍ୟ ଆୟୁବ ଜ୍ଞାତ ଥିଲେ । ସେ କହନ୍ତି ''ସଦାପ୍ରଭୁଙ୍କ ହସ୍ତ ଯେ ଏହା କରିଅଛି, ଏ ସକଳ ଦ୍ୱାରା କିଏ ଜାଣେ ? ତାହାଙ୍କ ହସ୍ତ ଯେ ଏହା କରିଅଛି, ଏ ସକଳ ଦ୍ୱାରା କିଏ ନ ଜାଣେ ? ତାହାଙ୍କ ହସ୍ତରେ ପ୍ରତ୍ୟେକ ଜୀବନର ପ୍ରାଣ ଆୟୁବଙ୍କ ମିତ୍ର ଇଲୀହୂ କହନ୍ତି,''ଯେବେ ସେ ମନୁଷ୍ୟ ଉପରେ ଆପଣା ମନ ଦେବେ, ଯେବେ ସେ ତାହାର ଆତ୍ମା ଓ ନିଶ୍ୱାସ ଉପରେ ଆପଣା ନିକଟରେ ସଂଗ୍ରହ କରିବେ, ତେବେ ସକଳ ପ୍ରାଣୀ ଏକତ୍ର ବିନଷ୍ଟ ହେବେ ଓ ମନୁଷ୍ୟ ପୁନର୍ବାର ଧୂଳିରେ ମିଶିଯିବ ।'' (୩୪:୧୪-୧୫)

ଇସ୍ରାଏଲ ଜାତିର ଇତିହାସ ଓ ପରମେଶ୍ୱରଙ୍କ ବିରୁଦ୍ଧରେ ସେମାନଙ୍କ ବିଦ୍ରୋହର କାହାଣୀ ଗୀତ ସଂହିତାର ୭୮ ପଦରେ ଲିଖିତ ହୋଇଅଛି । ସେମାନଙ୍କ ପାପ ଓ ଅନାଜ୍ଞାବହତ ସତ୍ତ୍ୱେ ପରମେଶ୍ୱର ସେମାନଙ୍କ ପ୍ରତି ଦୟା ବହି ଜୀବିତ

ରଖୁଥିଲେ । ସେ ପ୍ରେମମୟ, କ୍ଷମାଶୀଳ, ଦୀର୍ଘଶାନ୍ତ ଓ ଦୟାରେ ମହାନ ଅଟନ୍ତି । ସେ ଆମ୍ଭମାନଙ୍କୁ ତାହାଙ୍କ ସହ ଅନନ୍ତକାଳ ବାସ କରିବା ଇଚ୍ଛା କରନ୍ତି ।

ଗୀତ ୭୮:୧୭,୧୮ରେ ଲେଖାଯାଏ, ''ତଥାପି ସେମାନେ ତାହାଙ୍କ ବିରୁଦ୍ଧରେ ପାପ କରିବାକୁ ଓ ମରୁଭୂମିରେ ସର୍ବୋପରିସ୍ଥ ପ୍ରତିକୂଳରେ ବିଦ୍ରୋହାଚରଣ କରିବାକୁ ନିରସ୍ତ ନୋହିଲେ । ପୁଣି, ସେମାନେ ଆପଣାମାନଙ୍କ ଅଭିଳାଷ ପୂରଣାର୍ଥେ ଲକ୍ଷ୍ୟ ମାଗି ଆପଣା ଆପଣା ମନରେ ପରମେଶ୍ୱରଙ୍କ ପରୀକ୍ଷା କଲେ ।'' ସେମାନେ ପରମେଶ୍ୱରଙ୍କ ଠାରେ ବିଶ୍ୱାସ କଲେ ନାହିଁ, ତାହାଙ୍କ ପରିତ୍ରାଣରେ ନିର୍ଭର ରଖିଲେ ନାହିଁ । ଏଥି ସକାଶେ ସଦାପ୍ରଭୁ ସେମାନଙ୍କ ଉପରେ କୋପାନ୍ୱିତ ହେଲେ, (୨୧ ଓ ୨୨ ପଦ) । କିନ୍ତୁ ଆମ୍ଭମାନଙ୍କ ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ସ୍ନେହଶୀଳ ଅଟନ୍ତି । ''ମାତ୍ର, ସେ ସ୍ନେହଶୀଳ ହେବାରୁ ସେମାନଙ୍କ ଅପରାଧ କ୍ଷମା କରି ସେମାନଙ୍କୁ ଧ୍ୱଂସ କଲେ ନାହିଁ । ପୁଣି ସେ ଅନେକ ଥର ଆପଣା କ୍ରୋଧ ସମ୍ବରଣ କରି ଆପଣା କୋପ ଉତ୍ତେଜ କଲେ ନାହିଁ ।'' (୩୮ତମ ପଦ)

ତାହାଙ୍କ ଅସୀମ ଅନୁଗ୍ରହ ଓ କ୍ଷମାଶୀଳତା ମନୁଷ୍ୟ ଆଲୋଚନାର ଅତୀବ । ''ଆଉ ସେମାନେ ଯେ ମାଂସ ମାତ୍ର ଓ ବହିଯାଇ ଫେରି ନ ଆସିବା ବାୟୁ ସ୍ୱରୂପ, ଏହା ସେ ସ୍ମରଣ କଲେ । ''ଆହେ, ମୋହର ସମୟ କିପରି ଅଳ୍ପ, ଏହା ସ୍ମରଣ କର, ତୁମ୍ଭେ କିପରି ଅସାରତା ନିମନ୍ତେ ମନୁଷ୍ୟ-ସନ୍ତାନ ସମସ୍ତଙ୍କୁ ସୃଷ୍ଟି କରିଅଛ । ଯେ ମୃତ୍ୟୁ ନ ଦେଖି ଜୀବିତ ରହିବ ଓ ପାତାଳର ପରାକ୍ରମରୁ ଆପଣା ପ୍ରାଣମୁକ୍ତ କରିବ, ଏପରି ମନୁଷ୍ୟ କିଏ ? (ଗୀତ ୮୯:୪୭,୪୮)

ତେବେ ଏହି ଜୀବନର ଲକ୍ଷ୍ୟ କଅଣ ? ଏହି ପାପ -ପତିତ ଜଗତରୁ ଆମ୍ଭମାନଙ୍କ ପରିତ୍ରାଣକର୍ତ୍ତା, ମାର୍ଗଦର୍ଶୀ ପରମେଶ୍ୱରଙ୍କ ଉପରେ ଭରସା ରଖି ସୁଖମୟ ଜୀବନଯାପନ କରୁ । ଏହି ଜଗତରେ ଆମ୍ଭେମାନେ ଯାତ୍ରୀ ମାତ୍ର । ଆମ୍ଭମାନଙ୍କ ଲକ୍ଷ୍ୟ ଅନନ୍ତଜୀବନ । ଜ୍ଞାନୀ ଶଲୋମନ କହନ୍ତି,''ପରମେଶ୍ୱର କୌଣସି ବ୍ୟକ୍ତି କି ଧନ ସମ୍ପତ୍ତି ଦାନ କରି ତାହା ଭୋଗ କରିବାକୁ କ୍ଷମତା ଦେଲେ, ଏହା ହିଁ ପରମେଶ୍ୱରଙ୍କ ଦାନ । ଯେହେତୁ ସେ ଆପଣା ପରମାୟୁର ଦିନସବୁ ଅଧିକ ସ୍ମରଣ କରିବ ନାହିଁ, କାରଣ ପରମେଶ୍ୱର ତାହାର ହୃଦୟରେ ଆନନ୍ଦ ଜନ୍ମାଇ ତାହାକୁ ଉତ୍ତର ଦିଅନ୍ତି ।'' (ଉପଦେଶକ ୫:୧୯,୨୦)

**- Marilyn Lastrape**

❋❋❋

# ଜିଖରିୟ, ଏକ ଉତ୍ତମ ପିତା !

## (Zacharia, the Right kind of Father)

ପ୍ରତ୍ୟେକ ପିତା ସମାନ ନୁହନ୍ତି । କେତେକ ସନ୍ତୋଷ ସହ ସନ୍ତାନମାନଙ୍କ ଲାଳନପାଳନ କରନ୍ତି, ଅନ୍ୟମାନେ ଆପଣା କର୍ତ୍ତବ୍ଯ ସଠିକ୍ ଭାବେ ପାଳନ କରନ୍ତି ନାହିଁ । ଉତ୍ତମ ପିତାଙ୍କର ସନ୍ତାନସନ୍ତତିମାନେ ଆଶୀର୍ବାଦପ୍ରାପ୍ତ ।

ବାପ୍ତିଜକ ଯୋହନ, ଏକ ଉତ୍ତମ ପିତାଙ୍କ ସନ୍ତାନ ଥିଲେ । ତାହାଙ୍କ ପିତା ଜିଖରିୟ ପରମେଶ୍ୱରଙ୍କର ଏକ ଯାଜକ ଥିଲେ । ଦୁଃଖର କାରଣ ଏହିକି ଯେ, ପ୍ରତ୍ୟେକ ପିତା ଜିଖରିୟଙ୍କ ସଦୃଶ୍ୟ ଧାର୍ମିକ ବ୍ୟକ୍ତି ନୁହନ୍ତି । କେତେକ କେବଳ ଧନ ଅର୍ଜ୍ଜନ, ସୁଖଭୋଗ ଓ ବିନୋଦରେ ଲିପ୍ତ ରହନ୍ତି । ସେମାନଙ୍କ ଜୀବନରେ ପରମେଶ୍ୱରଙ୍କ ସ୍ଥାନ ନାହିଁ । ଫଳତଃ ଆପଣା ଆପଣା ସନ୍ତାନମାନଙ୍କୁ ଈଶ୍ୱରଙ୍କ ମାର୍ଗ ଶିକ୍ଷା ଦିଅନ୍ତି ନାହିଁ । ନୂତନ ନିୟମର ଯୁବକ ତୀମଥି, ବାଲ୍ୟକାଳରୁ ଧର୍ମଶାସ୍ତ୍ର ଶିକ୍ଷିତ ହୋଇଥିଲେ । ତତ୍‌ଫଳେ ସେ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରି ଏକ ଉତ୍ତମ ସୈନିକ ଭାବେ ତାହାଙ୍କ ପରିଚର୍ଯ୍ୟା କରିଥିଲେ ।

ତାହାଙ୍କ ସନ୍ତାନମାନଙ୍କ ନିମନ୍ତେ ଏକ ଉତ୍ତମ ମାତା ହୋଇପାରିବା ଏକ ଉତ୍ତମ ସ୍ତ୍ରୀଙ୍କୁ ସେ ଆପଣା ସାଥି ରୂପେ ମନୋନୀତ କରିଥିଲେ । ସେ ମଧ୍ୟ ଏକ ଧାର୍ମିକା ସ୍ତ୍ରୀ ଥିଲେ । ଏଲିଜାବେଥ୍, ମହାଯାଜକ ହାରୋଣ ବଂଶଜ କନ୍ୟା ଥିଲେ ଏକ ଧାର୍ମିକ ବ୍ୟକ୍ତି, ଆପଣା ଭାର୍ଯ୍ୟା ହେବା ନିମନ୍ତେ ଏକ ଧାର୍ମିକା ସ୍ତ୍ରୀଙ୍କୁ ମନୋନୀତ କରେ ।

ଉତ୍ତମ ଓ ଧାର୍ମିକ ବ୍ୟକ୍ତି, ଏକ ପରମେଶ୍ୱର ଭୟକାରୀ ପରିବାର ସ୍ଥାପନ କରେ । ଏହି ପରମେଶ୍ୱରଙ୍କ ଭୟକାରୀ ଦମ୍ପତ୍ତି ବିଷୟରେ ବୈଦ୍ୟ ଲୂକ ଲେଖନ୍ତି, "ସେମାନେ ଉଭୟେ ପ୍ରଭୁଙ୍କର ସମସ୍ତ ଆଜ୍ଞା ଓ ବିଧି ଅନୁସାରେ ନିର୍ଦ୍ଦୋଷ ରୂପେ ଆଚରଣ କରି ଈଶ୍ୱରଙ୍କ ଦୃଷ୍ଟିରେ ଧାର୍ମିକ ଥିଲେ ।" (ଲୂକ ୧:୬) ଏହି ଧାର୍ମିକ ଦମ୍ପତ୍ତିର ଜୀବନ ସର୍ବୋପରିସ୍ଥ ପରମେଶ୍ୱରଙ୍କ ଦୃଷ୍ଟିରେ ସନ୍ତୋଷଜନକ ଥିଲା । ଛନ୍ଦକପଟ ସେମାନଙ୍କ ଜୀବନରେ ସ୍ଥାନ ନ ଥିଲା । ମନୁଷ୍ୟମାନଙ୍କ ନିକଟରେ ନୁହେଁ, ପରମେଶ୍ୱରଙ୍କ ଦୃଷ୍ଟିରେ ସେମାନେ ନିର୍ଦ୍ଦୋଷ ଓ ନିନ୍ଦାରହିତ ଥିଲେ ।

ଜିଖରିୟ ଏକ ପ୍ରାର୍ଥନାଶୀଳ ବ୍ୟକ୍ତି ଥିଲେ । ଜିଖରିୟ ଓ ଏଲୀଶାବେଗ ଉଭୟଙ୍କ ବୟସ ଅଧିକ ହୋଇଯାଇଥିଲା, କିନ୍ତୁ ସେମାନେ ସନ୍ତାନହୀନ ଥିଲେ । କିନ୍ତୁ ପରମେଶ୍ୱରଙ୍କ କୌଣସି ବିଷୟ ଅସାଧ୍ୟ ନୁହେଁ । ଜିଖରିୟ, ପରମେଶ୍ୱରଙ୍କ ମନ୍ଦିରରେ ବେଦୀ ସମ୍ମୁଖରେ ଧୂପ ଉତ୍ସର୍ଗ କରିବା ସମୟରେ ପରମେଶ୍ୱରଙ୍କ ଦୂତ ତାହାଙ୍କ ଦର୍ଶନ ଦେଇ କହିଲେ,"...ଜିଖରିୟ, ଭୟ କର ନାହିଁ, କାରଣ ତୁମ୍ଭର ନିବେଦନ ଶୁଣାଯାଇଛି, ଆଉ ତୁମ୍ଭର ଭାର୍ଯ୍ୟା ଏଲୀଶାବେଥ ତୁମ୍ଭ ନିମନ୍ତେ ଗୋଟିଏ ପୁତ୍ର ପ୍ରସବ କରିବେ, ପୁଣି ତୁମ୍ଭେ ତାହାର ନାମ ଯୋହନ ଦେବ ।" (ଲୂକ ୧:୧୩)

ଯୀଶୁ ପ୍ରଭୁ ବାପ୍ତିଜକ ଯୋହନ ବିଷୟରେ ସାକ୍ଷ୍ୟ ଦେଇ କହିଲେ,"ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ସ୍ତ୍ରୀ ଗର୍ଭଜାତ ସମସ୍ତଙ୍କ ମଧ୍ୟରେ ବାପ୍ତିଜକ ଯୋହନଙ୍କ ଠାରୁ ମହାନ କେହି ଉତ୍ପନ୍ନ ହୋଇନାହାନ୍ତି, ତଥାପି ସ୍ୱର୍ଗରାଜ୍ୟରେ ଯେ କ୍ଷୁଦ୍ରତମ, ସେ ତାହାଙ୍କ ଠାରୁ ମହାନ୍ ।" (ମାଥିଉ ୧୧:୧୧) । ଉତ୍ତମ ପିତା ଓ ଉତ୍ତମ ମାତା ପ୍ରାପ୍ତହେବା ନିଶ୍ଚିତ ଭାବେ ଆଶୀର୍ବାଦ ଦାୟକ ।

**- Clovis G. Chappell**

❋ ❋ ❋

# ଅନନ୍ତକାଳର ନିର୍ମାତା

## (Builders of Eternity)

ସଦାପ୍ରଭୁ ଆମ୍ଭମାନଙ୍କୁ ସମୟ ପ୍ରଦାନ କରିଅଛନ୍ତି । ଜନ୍ମରୁ ମରଣ ପର୍ଯ୍ୟନ୍ତ ଏହି ସମୟକୁ ଆମେ 'ଜୀବନ' ବୋଲି କହୁ । ଏହା କେବଳ ଦୁଇ ନିତ୍ୟ ଜୀବନ ମଧ୍ୟରେ ମଧ୍ୟବର୍ତ୍ତୀକାଳ । ଏହି ଜୀବନ ଏକ ପ୍ରସ୍ତୁତ ସମୟ ଯେଉଁଠାରେ ଆମ୍ଭେମାନେ ଅନନ୍ତଜୀବନ ନିମନ୍ତେ ପ୍ରସ୍ତୁତ ହେଉ । ଏହି ସମୟ ସ୍ୱଳ୍ପ ମାତ୍ର ଓ ଥରେ ମାତ୍ର । ଏହି ଜୀବନ ଯାତ୍ରା ଥରେ ମାତ୍ର ଯାତ୍ରା କରିବାକୁ ସୁଯୋଗ ପାଇଥାଉ । ଏହି ସତ୍ୟତା ଆମ୍ଭେମାନେ ଜ୍ଞାତ ହେଲେ, ଆମ୍ଭେମାନେ ଗଢୁଥିବା ଏହି ଅନନ୍ତ ଜୀବନ ବିଷୟରେ ଜାଗ୍ରତ ହୋଇପାରିବା । ଦିନ ପ୍ରତିଦିନ ଆମ୍ଭେମାନେ ଅନନ୍ତ ଆଶୀଷ କିଅବା ଅନନ୍ତ ବିନାଶ ନିମନ୍ତେ ଆମ୍ଭେମାନଙ୍କୁ ଗଢୁଅଛୁ । ଏହି ନିର୍ଣ୍ଣୟ ଆମ୍ଭେମାନେ କେବଳ

ଜୀବିତାବସ୍ଥାରେ ନେଇପାରିବୁ । କାରଣ ମୃତ୍ୟୁ ପରେ ନିର୍ଣ୍ଣୟ ନେବାର ସୁଯୋଗ ପାଇପାରିବୁ ନାହିଁ । ଯେଉଁମାନେ ସଠିକ୍ ନିର୍ଣ୍ଣୟ ନିଅନ୍ତି ନାହିଁ ସେମାନେ ବାଲି ଉପରେ ଆପଣା ଆପଣା ଅନନ୍ତଜୀବନରୂପ ବାନ୍ଧୁଅଛନ୍ତି ବୋଲି ମାଥିଉ ୭:୨୧-୨୩, ଲୂକ ୬:୪୬-୪୯ ପଦରେ କହିଅଛନ୍ତି । ଖ୍ରୀଷ୍ଟ ହିଁ ସେହି ପ୍ରସ୍ତର, ଯାହାଙ୍କ ଉପରେ ଆମ୍ଭେମାନେ ଆମ୍ଭମାନଙ୍କ ଆତ୍ମୀୟ ଜୀବନ ଗଢ଼ିବା ଆବଶ୍ୟକ । ଖ୍ରୀଷ୍ଟ ରୂପ ପ୍ରସ୍ତର ଉପରେ ଗଢ଼ାଯାଇଥିବା ଆତ୍ମିକ ଗୃହ ହିଁ, ଶେଷ ବିଚାର ଦିନରେ ପତନ ହେବ ନାହିଁ । (ମାଥିଉ ୧୬:୧୮, ଯାଶାଇୟ ୨୮:୧୬, ୧ମ କରିନ୍ଥୀ ୩:୧୧) । ଖ୍ରୀଷ୍ଟରୂପ ପ୍ରସ୍ତର ଉପରେ ଆପଣ କି ଆପଣା ଆତ୍ମୀୟଜୀବନ ଗଢୁଅଛନ୍ତି ।

୧) ଗହୀର ଖୋଳି ମୂଳଦୂଆ ପଥର ଉପରେ ଗଢ଼ୁ । (ଲୂକ ୬:୪୮) : ମନୁଷ୍ୟମାନଙ୍କ ଧର୍ମନୀତି ମଧ୍ୟ ଦେଇ ଗହୀର ଗାତ ନ ଖୋଳୁ (ମାଥିଉ ୧୫:୯) । ଶାଖାପ୍ରଶାଖାର ଧର୍ମଜଗତ (ଯୋହନ ୧୭:୨୦,୨. ୧ମ କରିନ୍ଥୀ ୧:୧୦), ମନୁଷ୍ୟମାନଙ୍କ ସିଦ୍ଧାନ୍ତ ପୁସ୍ତକବଳୀ (୨ ତୀମଥି ୩:୧୬,୧୭), ଧର୍ମଜଗତରେ ମାନବିକ ନାମର ପ୍ରାଧାନ୍ୟତା । (ପ୍ରେରିତ ୪:୧୨, ୧ମ ପିତର ୪:୧୧), ପରମେଶ୍ୱରଙ୍କ ବାକ୍ୟରେ ଯୋଗ/ବିଯୋଗ ୧ର ଯୋହନ ୯-୧୧, ୧ମ କରିନ୍ଥୀ ୪:୬), ''ନୈତିକ ଭାବେ ଜୀବନଯାପନ କଲେ ଯଥେଷ୍ଟ'' ବୋଲି ଏହି ଜଗତର ସିଦ୍ଧାନ୍ତରୁ ପରିତ୍ୟାଗ କରି କେବଳ ଖ୍ରୀଷ୍ଟଙ୍କ ବାକ୍ୟ ରୂପ ମୂଳଦୂଆ ଉପରେ ଆମ୍ଭମାନଙ୍କ ଆତ୍ମିକ ଜୀବନ ଗଢୁ । କର୍ଣ୍ଣଲୀୟ ନୈତିକ ଭାବେ ଏକ ଉତ୍ତମ ବ୍ୟକ୍ତି ଥିଲେ, କିନ୍ତୁ ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ତାହାଙ୍କ ନୈତିକ ଜୀବନ ଯଥେଷ୍ଟ ନ ଥିଲା । ଦୃଢ଼ ମୂଳଦୂଆ ବିନୁ ଦୃଢ଼ ଗୃହ ଗଢ଼ିବା ଅସମ୍ଭବ ।

୨) ଦ୍ୱିତୀୟ, ଖ୍ରୀଷ୍ଟଙ୍କ ଉପରେ କିପରି ଗୃହ ନିର୍ମାଣ କରୁ ? : ଆମ୍ଭେମାନେ ନିମ୍ନଲିଖିତ ଭାବେ ଖ୍ରୀଷ୍ଟଙ୍କ ଉପରେ ଆମ୍ଭମାନଙ୍କ ଆତ୍ମିକ ଗୃହ ନିର୍ମାଣ କରିପାରୁ - (୧) ତାହାଙ୍କ ଓ ତାହାଙ୍କ ଶିକ୍ଷା (ମାଥିଉ ୭:୨୩, ୧୬:୧୮, ଗାଲାତୀ ୧:୬-୯) (୨) ଆତ୍ମିକ ଐକ୍ୟତା (ଏଫିସୀ ୪:୧-୬, ଯୋହନ ୧୭:୨୦, ୨୧, ୧ମ କରିନ୍ଥୀ ୧:୧୦) (୩) ବାଇବଲ ଏକମାତ୍ର ପଥଦର୍ଶକ (୨ ତୀମଥି ୩:୧୬,୧୭, ୨ ପିତର ୧:୩ (୪) ଈଶ୍ୱର ଦତ୍ତ ମଣ୍ଡଳୀ ପାଳନପଦ୍ଧତିର ଅନୁସରଣ (ରୋମୀୟ ୧୬:୧୬, ଯିଶାଇୟ ୬୨:୨, ପ୍ରେରିତ ୧୧:୨୬, ଫିଲିପ ୧:୨, ଏଫିସୀ

୧:୨୨,୨୩) (୫) ଈଶ୍ୱରଙ୍କ ବାକ୍ୟର ଅନୁସରଣ (ମାଥିଉ ୭:୨୧,ପ୍ର:ବାକ୍ୟ ୨୨:୧୪, ୨ୟ ଥେସ ୧:୬-୯) (୬) ତାହାଙ୍କ ଆଜ୍ଞାନୁଯାୟୀ ବାପ୍ତିସ୍ମ ଗ୍ରହଣ (୭) ନିୟମିତ ଭାବେ ତାହାଙ୍କ ଆରାଧନାରେ ଯୋଗଦେବା (୮) ତାହାଙ୍କ ବାକ୍ୟାନୁଯାୟୀ ଜୀବନଯାପନ କରିବା ।

ଆମ୍ଭମାନଙ୍କ ନିତ୍ୟଜୀବନରୂପ ଗୃହ ଅତି ଯତ୍ନ ସହକାରେ ନିର୍ମାଣ କରୁ । ବୁଦ୍ଧିହୀନ ବ୍ୟକ୍ତମାନଙ୍କ ନିର୍ମିତ ଗୃହ ବିଷୟରେ ଯୀଶୁଖ୍ରୀଷ୍ଟ କହନ୍ତି, ''କିନ୍ତୁ ଯେ ଶୁଣି ପାଳନ କରେ ନାହିଁ ସେ ମୂଳଦୂଆ ନ ବସାଇ ମାଟି ଉପରେ ଘର ତୋଳିବା ଲୋକ ପରି, ସୁଅ ସେ ଘରକୁ ପ୍ରବଳ ଭାବେ ଧକ୍‌କା ମାରନ୍ତେ, ସେହିକ୍ଷଣି ତାହା ପଡ଼ିଗଲା ଓ ତାହାର ବିନାଶ ଭୟଙ୍କର ହେଲା ।'' (ଲୂକ ୬:୪୯) । ଆମ୍ଭମାନଙ୍କ ଆତ୍ମିକ ଗୃହର ପତନ ଅତି ଭୟଙ୍କର । ମନୁଷ୍ୟର ପତନରେ ପରମେଶ୍ୱରଙ୍କ ସନ୍ତୋଷ ନାହିଁ । ଏହି ଜଗତ ଓ ତନ୍ମଧ୍ୟସ୍ଥ ସମସ୍ତ ବିନାଶ ହେବା ସମୟରେ, ଆପଣଙ୍କ ଆତ୍ମିକ ଗୃହର ଯେପରି ପତନ ନ ହୁଏ, ଏଥି ନିମନ୍ତେ ଆଜି ଠାରୁ ପ୍ରସ୍ତୁତ ହେଉନ୍ତୁ ।

❋❋❋

## ମନୋନୀତ କର
### (Choose for yourselves)

''ଯଦିବା ସଦାପ୍ରଭୁଙ୍କୁ ସେବା କରିବା ତୁମ୍ଭମାନଙ୍କ ଦୃଷ୍ଟିରେ ମନ୍ଦ ଦିଶେ, ତେବେ ତୁମ୍ଭେମାନେ କାହାର ସେବା କରିବ, ତାହା ଆଜି ମନୋନୀତ କର... ମାତ୍ର ମୁଁ ଓ ମୋହର ପରିଜନ ଆମ୍ଭେମାନେ, ସଦାପ୍ରଭୁଙ୍କୁ ସେବା କରିବା ।'' (ଯିହୋଶୂୟ ୨୪:୧୫)

**ମନୁଷ୍ୟକୁ ମନୋନୀତ କରିବାର ଶକ୍ତି ଅଛି :-** ସଦାପ୍ରଭୁ ମନୁଷ୍ୟକୁ ମନୋନୀତ କରିବାର କିଅବା ନିର୍ଣ୍ଣୟ ନେବାର ଶକ୍ତି ଦେଇଅଛନ୍ତି । ମନୁଷ୍ୟ ଏକ ନିର୍ଜୀବ ରୋବଟ୍ ନୁହେଁ । ବରଂ ଉତ୍ତମ ବା ମନ୍ଦ କର୍ମ କରିବାର ଅଧିକାର ମନୁଷ୍ୟକୁ ଦିଆଯାଇଅଛି । ମନୁଷ୍ୟ ଆପଣା ସ୍ୱଇଚ୍ଛାରେ ଜୀବନଯାପନ କରିପାରେ । ଯିହୋଶୂୟ,

ଆପଣା ଜୀବନର ଶେଷଦଶାରେ, ସେ ଇଶ୍ରାଏଲ ଜାତିକୁ ଏକ ଉତ୍ତମ ନିର୍ଣ୍ଣୟ ନେବାରେ ପ୍ରୋତ୍ସାହିତ କରନ୍ତି । ମନୁଷ୍ୟମାନଙ୍କ ମନୋନୀତ ପ୍ରତ୍ୟେକ କାର୍ଯ୍ୟର ପ୍ରତିଫଳ ଅଛି । ଉତ୍ତମ କର୍ମ ନିମନ୍ତେ ଆଶୀର୍ବାଦ ଓ ମନ୍ଦ କର୍ମ ନିମନ୍ତେ ମୃତ୍ୟୁ । ମନୁଷ୍ୟ ଯୀଶୁଖ୍ରୀଷ୍ଟଙ୍କ ସହ ଜୀବନ ମନୋନୀତ କଲେ, ଅନନ୍ତଜୀବନ ପ୍ରାପ୍ତ ହେବ । ଆଜି ହିଁ ମନୋନୀତ କର : ଅନେକ ବର୍ତ୍ତମାନ ବା ଆଜି ଖ୍ରୀଷ୍ଟଙ୍କୁ ଗ୍ରହଣ ନ କରି, ଭବିଷ୍ୟତରେ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବାର ପ୍ରତିଶ୍ରୁତି ଦିଅନ୍ତି । ବାସ୍ତବରେ ଆଜି ଯଦି ତୁମ୍ଭେ ତାହାଙ୍କୁ ଆପଣା ପ୍ରଭୁ ରୂପେ ଗ୍ରହଣ କର ନାହିଁ, ତେବେ ଅନ୍ୟ ବିଷୟଗୁଡ଼ିକୁ ''ପ୍ରଭୁ'' ରୂପେ ମନୋନୀତ କରିଅଛ । ଯେଉଁମାନେ ଯୀଶୁଖ୍ରୀଷ୍ଟଙ୍କୁ ଅନୁସରଣ କରୁନାହାନ୍ତି, ସେମାନେ ଅନ୍ୟମାନଙ୍କୁ, ଅନ୍ୟ ବିଷୟ ମାନଙ୍କୁ ଅନୁସରଣ କରୁଅଛନ୍ତି । ପ୍ରତିଦିନ ଆମ୍ଭେମାନେ କାହାକୁ ଅନୁସରଣ କରୁ, ତାହା ମନୋନୀତ କରିଥାଉ । ଆପଣ ଆଜି କାହାକୁ ଅନୁସରଣ କରିବାକୁ ମନୋନୀତ କରିଅଛନ୍ତି ? ଯେଉଁମାନେ ମନ ପରିବର୍ତ୍ତନ କରନ୍ତି, ଆଜି ହିଁ ସେହି ପରିତ୍ରାଣର ଦିନ !

**ଯିହୋଶୂୟ ଉତ୍ତମ ବିଷୟ ମନୋନୀତ କରିଥିଲେ :-** ସେ ଓ ତାହାଙ୍କ ପରିଜନ ଯିହୋବାଙ୍କୁ ଅନୁସରଣ କରିବା ନିମନ୍ତେ ମନୋନୀତ କରିଥିଲେ । ସେ ଏକ ସାହସୀ ଯୋଦ୍ଧା ଥିଲେ । ସେ ଯିହୋବା ହିଁ ଏକମାତ୍ର ସତ୍ୟ ଓ ଜୀବିତ ଈଶ୍ୱର ଅଟନ୍ତି ବୋଲି ଜ୍ଞାତ ଥିଲେ । ଏହି ଈଶ୍ୱର ସେମାନଙ୍କୁ ମିସରର ଦାସତ୍ୱରୁ ମୁକ୍ତ କରିଥିଲେ । ଏହି ଈଶ୍ୱର ସେମାନଙ୍କୁ ପ୍ରାନ୍ତରରେ ୪୦ ବର୍ଷ କାଳ ସେମାନଙ୍କୁ ପ୍ରତିପାଳନ କରିଥିଲେ । ସେହି ଈଶ୍ୱର ସେମାନଙ୍କୁ ଦୁଗ୍ଧ ଓ ମହୁର ଦେଶରେ ପ୍ରବେଶ କରାଇଥିଲେ । ଈଶ୍ୱର ସେମାନଙ୍କୁ ସଂରକ୍ଷଣ କରି ଯତ୍ନ ନେଇଥିଲେ ।

ଆଜି ହିଁ ମନୋନୀତ କର :- ଆପଣ କି ସୁଖଭୋଗ ଧନ ସମ୍ପଦ ବା ସାଂସାରିକ ପ୍ରେମର ଦେବତାର କି ପରିଚର୍ଯ୍ୟା କରୁଅଛନ୍ତି ? ପ୍ରିୟ ବନ୍ଧୁ, ଏହି ବିଶ୍ୱର ସୃଷ୍ଟିକର୍ତ୍ତାଙ୍କ ପରିଚର୍ଯ୍ୟା କର । ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ରଖି, ତାହାଙ୍କୁ ପରିତ୍ରାଣ ରୂପେ ଗ୍ରହଣ କର । ପାପରୁ ମନ ପରିବର୍ତ୍ତନ କରି ବାପ୍ତିଜିତ ହୁଅ । (ପ୍ରେରିତ ୨:୩୮, ୩:୧୯, ଆପଣ ଯଦି ଅନୁଗ୍ରହରୁ ପତିତ ହୋଇଅଛନ୍ତି, ଆଜି ହିଁ ମନ ପରିବର୍ତ୍ତନର ଉପଯୁକ୍ତ ସମୟ ! (ପ୍ରେରିତ ୮:୨୨) । ଫେରି ଆସି ତାହାଙ୍କ ସେବା କର ଓ ଆଶୀର୍ବାଦ ପ୍ରାପ୍ତ ହୁଅ ।''

**- Loy Mitchell**

# ସର୍ବଦା ଆନନ୍ଦ କର
## (Rejoice Evermore)

ପ୍ରେରିତ ପାଉଲ ଥେସଲନୀକୀ ମଣ୍ଡଳୀକୁ ଲେଖନ୍ତି ''ସର୍ବଦା ଆନନ୍ଦ କର... କାରଣ ତୁମ୍ଭମାନଙ୍କ ବିଷୟରେ ଖ୍ରୀଷ୍ଟଯୀଶୁଙ୍କ ଠାରେ ଏହା ଈଶ୍ୱରଙ୍କ ଅଭିମତ ।'' (୧ମ ଥେସ ୫:୧୬-୧୮) । ପିତା ପରମେଶ୍ୱର ଆପଣା ସନ୍ତାନମାନେ ସର୍ବଦା ଆନନ୍ଦରେ ଜୀବନଯାପନ କରିବା ଇଚ୍ଛା କରନ୍ତି । ତାହାଙ୍କ ସନ୍ତାନ ଯେ, ଆମ୍ଭେମାନେ, ଆମ୍ଭମାନଙ୍କ ଆନନ୍ଦଦାୟକ ଜୀବନଯାପନ ନିମନ୍ତେ ସମସ୍ତ ବିଷୟ ପ୍ରଦାନ କରିଅଛନ୍ତି । ପ୍ରେରିତ ପିତର ଲେଖନ୍ତି,''....ତାହାଙ୍କ ବିଷୟକ ଜ୍ଞାନ ଦ୍ୱାରା ତାହାଙ୍କ ଐଶ୍ୱରିକ ଶକ୍ତି ଆମ୍ଭମାନଙ୍କୁ ଜୀବନ ଓ ଧର୍ମପରାୟଣତା ନିମନ୍ତେ ସମସ୍ତ ଆବଶ୍ୟକୀୟ ବିଷୟ ଦାନ କରିଅଛନ୍ତି ।'' (୨ ପିତର ୧:୩) । ମନୁଷ୍ୟର ସୃଷ୍ଟି ପୂର୍ବେ ମନୁଷ୍ୟକୁ ଆବଶ୍ୟକୀୟ ଫଳୋତ୍ପାଦକ ଫଳବୃକ୍ଷ, ତୃଣ, ସବୁଜ ଶାଗ, ଭୂମିରେ ପ୍ରାଣୀବର୍ଗ, ଜଳରେ ଜଳଜ ଜଙ୍ଗମ ପ୍ରାଣୀବର୍ଗ, ଆକାଶରେ ପକ୍ଷୀଗଣ ସୃଷ୍ଟି କଲେ । ମନୁଷ୍ୟର ଆନନ୍ଦମୟ ଜୀବନଯାପନ ନିମନ୍ତେ ପ୍ରେମମୟ ପିତା ମନୁଷ୍ୟର ଆବଶ୍ୟକୀୟ ବିଷୟ ସବୁ ସୃଷ୍ଟି କରି, ସର୍ବଶେଷରେ ମନୁଷ୍ୟକୁ ସୃଷ୍ଟି କରିଥିଲେ । ପ୍ରେରିତ ପାଉଲ ଇକନିୟ ନଗରରେ ଯୀଶୁଙ୍କ ସୁସମାଚାର ପ୍ରଚାର କରିବା ସମୟରେ କହିଥିଲେ,''....କାରଣ ସେ ମଙ୍ଗଳ କରିଅଛନ୍ତି, ଆଉ ଆକାଶରୁ ବୃଷ୍ଟି ଓ ଫଳଦାୟକ ଋତୁଗୁଡ଼ିକ ଦେଇ ଭକ୍ଷ୍ୟ ଓ ଆନନ୍ଦରେ ଆପଣମାନଙ୍କ ହୃଦୟ ପରିତୃପ୍ତ କରିଅଛନ୍ତି ।'' (ପ୍ରେରିତ ୧୪:୧୭) । ଆମ୍ଭମାନଙ୍କ ଆନନ୍ଦମୟ ଜୀବନଯାପନ ନିମନ୍ତେ ଆବଶ୍ୟକୀୟ ସମସ୍ତ ଉତ୍ତମ ଦାନ ଓ ସମସ୍ତ ସିଦ୍ଧବର ଊର୍ଦ୍ଧ୍ୱରୁ ଅର୍ଥାତ୍ ଜ୍ୟୋତିର୍ଗଣର ପିତାଙ୍କ ଠାରୁ ଆସେ....'' (ଯାକୁବ ୧:୧୭) । ଆମ୍ଭମାନଙ୍କ ଜୀବନର ଆନନ୍ଦଦାୟକ ଶ୍ରେଷ୍ଠ ବିଷୟ ସବୁ ସର୍ବପରିଷ୍କା ଦାନ । କାରଣ ତୁମ୍ଭକୁ ଶ୍ରେଷ୍ଠ କରିଅଛି ? ଆଉ, ଯାହା ତୁମ୍ଭେ ଦାନ ସ୍ୱରୂପେ ପାଇନାହଁ, ଏପରି ତୁମ୍ଭର କଅଣ ଅଛି ?'' (୧ମ କରିନ୍ଥୀ ୪:୭ ଓ ୫:୧୦)

ଆମ୍ଭେମାନେ ଏହି ଜଗତରେ ଆନନ୍ଦରେ ଜୀବନଯାପନ କରିବା ନିମନ୍ତେ ଆରୋଗ୍ୟ ପ୍ରଦାନ କରନ୍ତି । ''....ସେ ତୁମ୍ଭର ରୋଗସବୁ ସୁସ୍ଥ କରନ୍ତି ।'' ବୋଲି ଗୀତରଚକ ୧୦୩:୩ ଲେଖିଅଛନ୍ତି ।'' ''....ଆମ୍ଭେ ସଦାପ୍ରଭୁ ତୁମ୍ଭର ଆରୋଗ୍ୟ

ଦାତା ।'' (ଯାତ୍ରା ୧୫:୨୬) ଜୀବିକା ନିର୍ବାହ କରିବା ନିମନ୍ତେ ଆମ୍ଭମାନଙ୍କ ଦେହରେ ସେ ଶକ୍ତି ଦେଇଅଛନ୍ତି । ''ଆହୁରି, ପରମେଶ୍ୱର କୌଣସି ବ୍ୟକ୍ତି କି ଧନ ସମ୍ପତ୍ତି ଦାନ କରି ତାହା ଭୋଗ କରିବାକୁ ଓ ଆପଣା ଅଂଶ ଗ୍ରହଣ କରିବାକୁ ଓ ଆପଣା ପିଶ୍ରମରେ ଆନନ୍ଦ କରିବାକୁ କ୍ଷମତା ଦେଲେ, ଏହା ହିଁ ପରମେଶ୍ୱରଙ୍କ ଦାନ । ଯେହେତୁ ସେ ଆପଣା ପରମାୟୁ ଦିନସବୁ ଅଧିକ ସ୍ମରଣ କରିବ ନାହିଁ, କାରଣ ପରମେଶ୍ୱର ତାହାର ହୃଦୟରେ ଆନନ୍ଦ ଜନ୍ମାଇ ତାହାକୁ ଉତ୍ତର ଦିଅନ୍ତି ।'' (ଉପଦେଶକ ୫:୧୯, ୩:୧୩, ୨:୨୩) । ଏହି ଜଗତରେ ଆନନ୍ଦରେ ଜୀବନଯାପନ କରିବା ପାଇଁ, ସଦାପ୍ରଭୁ ଆମ୍ଭମାନଙ୍କୁ 'ଜୀବନ ସାଥି' ପ୍ରଦାନ କରନ୍ତି । ''ଗୃହ ଓ ଧନ ପିତୃଲୋକଙ୍କ ଠାରୁ ପ୍ରାପ୍ତ ଅଧିକାର, ମାତ୍ର ବୁଦ୍ଧିମତୀ ଭାର୍ଯ୍ୟା ସଦାପ୍ରଭୁଙ୍କ ଠାରୁ ପ୍ରାପ୍ତ ହୁଅଇ ।...ସୂର୍ଯ୍ୟ ତଳେ ସେ ତୁମ୍ଭକୁ ଯେତେଦିନ ଦେଇଅଛନ୍ତି, ତୁମ୍ଭର ସେହି ଅସାର ଆୟୁଷର ସମସ୍ତ ଦିନ ଆପଣା ପ୍ରିୟତମା ଭାର୍ଯ୍ୟା ସଙ୍ଗେ ଆନନ୍ଦରେ ବାସ କର...।'' (ହିତ ୧୯:୧୪ ଓ ଉପଦେଶକ ୯:୯) ଆମ୍ଭମାନଙ୍କ ସନ୍ତାନସନ୍ତତିମାନେ ସଦାପ୍ରଭୁଙ୍କ ଓ ଗର୍ଭଜାତ ଫଳ ତାହାଙ୍କ ଦତ୍ତ ପୁରସ୍କାର ।'' (ଗୀତ ୧୨୭:୩)

୧ମ ଥେସ ୫:୧୬ରେ ପ୍ରେରିତ ପାଉଲ କହନ୍ତି, ''ସର୍ବଦା ଆନନ୍ଦ କର ।'' ଆମ୍ଭେମାନେ ଏହି ଜାଗତିକ ଜୀବନ ଯାପନ ଆନନ୍ଦ କରୁ । ପ୍ରେରିତ ପାଉଲ ଫିଲିପି ମଣ୍ଡଳୀ କି ଲେଖନ୍ତି, ''....ପ୍ରଭୁଙ୍କ ଠାରେ ଆନନ୍ଦ କର...'' (ଫିଲିପି ୩:୧,୪:୪) । ଆମ୍ଭେମାନେ ଆତ୍ମୀୟ ଜୀବନ ଆନନ୍ଦରେ ବିତାଇବା ନିମନ୍ତେ ମଧ୍ୟ ସଦାପ୍ରଭୁ ଆମ୍ଭମାନଙ୍କୁ ସମସ୍ତ ବିଷୟ ପ୍ରଦାନ କରନ୍ତି । (୨ୟ ପିତର ୧:୩)

ସର୍ବଦା ପ୍ରଭୁଙ୍କ ଠାରେ ଆନନ୍ଦ କରିବା ନିମନ୍ତେ ଆମ୍ଭମାନଙ୍କୁ ତାହାଙ୍କ ଠାରେ ରହିବା ଆବଶ୍ୟକ । ''ଯେଉଁମାନେ ଯୀଶୁଙ୍କ ଠାରେ ଅଛନ୍ତି, ସେମାନଙ୍କ ପ୍ରତି କୌଣସି ଦଣ୍ଡାଜ୍ଞା ନାହିଁ ।'' (ରୋମୀୟ ୮:୧) । ଯୀଶୁଙ୍କ ଠାରେ ରହିବା ନିମନ୍ତେ ଆମ୍ଭେମାନେ ତାହାଙ୍କ ନାମରେ ବାପ୍ତିଜିତ ହୋଇ ତାହାଙ୍କ ଠାରେ ପ୍ରବେଶ କରିଥାଉଁ ଓ ତାହାକୁ ଧାରଣ କରିଥାଉ । (ଗାଲାତୀ ୩:୨୭) । କୂଶଦେଶୀୟ କାଣ୍ଡାକୀ ନାମ୍ନୀ ରାଣୀଙ୍କ ଅଧିନସ୍ଥ ଉଚ୍ଚପଦ ପ୍ରାପ୍ତ ନପୁଂସକ, ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର ଫିଲିପଙ୍କ ଦ୍ୱାରା ଶୁଣି, ବାପ୍ତିଜିତ ହୋଇ ''...ଆନନ୍ଦ କରୁ କରୁ ଆପଣା ପଥରେ ଚାଲିଗଲେ ।'' (ପ୍ରେରିତ ୮:୩୯, ୧୬:୩୪) । ଆମ୍ଭେମାନେ ବାପ୍ତିସ୍ମରେ ତାହାଙ୍କ ଠାରେ ପ୍ରବେଶ

କରି ଆନନ୍ଦିତ ହେଉ, କାରଣ ଆମ୍ଭେମାନେ ''ଈଶ୍ୱରଙ୍କ ସନ୍ତାନ'' ହେବା ନିମନ୍ତେ ଅଧିକାର ପ୍ରାପ୍ତ ହୋଇଅଛୁ। ଆମ୍ଭମାନଙ୍କ ସମସ୍ତ ପାପ ତାହାଙ୍କ ଠାରେ ବାପ୍ତିସ୍ମ ଦ୍ୱାରା ଧୌତ ହୋଇଅଛି ।

ପ୍ରଥମ ଶତାବ୍ଦୀର ଆଦିମ ଖ୍ରୀଷ୍ଟିୟାନମାନେ ବାପ୍ତିଜିତ ହେବା ପରେ...''ପ୍ରେରିତମାନଙ୍କ ଶିକ୍ଷାରେ, ସହଭାଗିତାରେ, ରୋଟୀ ଭାଙ୍ଗିବାରେ, ପ୍ରାର୍ଥନା କରିବାରେ ନିବିଷ୍ଟ ଚିତ୍ତ ଥିଲେ...ଆଉ ସେମାନେ ଏକ ଚିତ୍ତ ହୋଇ ପ୍ରତିଦିନ ମନ୍ଦିରରେ ସମବେତ ହୋଇ ରହୁଥିଲେ ଓ ଘରେ ଘରେ ରୋଟୀ ଭାଙ୍ଗି ଆନନ୍ଦରେ ଓ ସରଳ ହୃଦୟରେ ଭୋଜନପାନ କରି ଈଶ୍ୱରଙ୍କ ପ୍ରଶଂସା କରୁଥିଲେ ।'' (ପ୍ରେରିତ ୨:୪୨-୪୬) । ଆଦିମ ଖ୍ରୀଷ୍ଟଙ୍କ ମଣ୍ଡଳୀ ଅତ୍ୟନ୍ତ ଭାବେ ବୃଦ୍ଧି ପାଇଥିଲା, କାରଣ ସେମାନେ ପରସ୍ପରର ସହଭାଗିତାରେ ଆନନ୍ଦରେ ଈଶ୍ୱରଙ୍କ ପ୍ରଶଂସା କରୁଥିଲେ । ଖ୍ରୀଷ୍ଟିୟ ସହଭାଗିତାରେ ଆନନ୍ଦିତ ହେଉ ! ଆତ୍ମୀୟ ପରିବାରର ଭାଇଭଉଣୀ ସହିତ ଆମ୍ଭମାନଭ୍‌କ ସହ ସମ୍ବନ୍ଧ ନ ଥିଲେ, ଅଥବା ସହଭାଗିତାରେ ଆନନ୍ଦିତ ନ ହେଲେ ଆମ୍ଭେମାନେ ପ୍ରକୃତ ଖ୍ରୀଷ୍ଟିୟାନ ହୋଇପାରିବା ନାହିଁ ।

ସର୍ବଦା ପ୍ରଭୁଙ୍କ ଠାରେ ଆନନ୍ଦ କରିବାର ଅର୍ଥ, ଆନନ୍ଦରେ ତାହାଙ୍କ ମନ୍ଦିରରେ ତାହାଙ୍କ ଉପାସନା କରିବା । ମହାରାଜ ଦାଉଦ କହନ୍ତି,''ଆସ, ଆମ୍ଭେମାନେ ସଦାପ୍ରଭୁଙ୍କ ଗୃହକୁ ଯାଉ, ଏହି କଥା ଲୋକମାନେ ମୋତେ କହିବା ବେଳେ ମୁଁ ଆନନ୍ଦିତ ହେଲି ।'' (ଗୀତ ୧୨୧:୧, ଜିଖରିୟ ୮:୨୧) । ''ହେ ସକଳ ଦେଶ, ତୁମ୍ଭେମାନେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଆନନ୍ଦଧ୍ୱନୀ କର, ଆନନ୍ଦରେ ସଦାପ୍ରଭୁଙ୍କର ସେବା କର, ଗାନ କରି ତାହାଙ୍କ ଛାମୁକୁ ଆସ ।'' (ଗୀତ ୧୦୦:୧) । ଆନନ୍ଦ ଓ ଉଲ୍ଲାସରେ ତାହାଙ୍କ ଉଦ୍ଦେଶ୍ୟରେ ସ୍ତୁତିଗାନ କରୁ । ''ହେ ସରଳାନ୍ତଃକରଣ ସମସ୍ତେ, ତୁମ୍ଭେମାନେ ଆନନ୍ଦଧ୍ୱନୀ କର ।'' (ଗୀତ ୩୨:୧୧, କଲସୀ ୩:୧୬, ଏଫିସୀ ୩:୧୭)। ''....କେହି କଅଣ ଆନନ୍ଦିତ ଅଟେ ? ସେ ଗୀତ ଗାନ କରୁ ।'' (ଯାକୁବ ୫:୧୩, ଗୀତ ୫୦:୧୪,୧. ଏଫିସୀ ୫:୧୧୯, କଲସୀ ୩:୧୬)

ପ୍ରଭୁଙ୍କ ଠାରେ ଆନନ୍ଦ କରିବା ଲୋକେ, ତାହାଙ୍କ ବ୍ୟବସ୍ଥାରେ ଆନନ୍ଦ କରନ୍ତି । ''....ସଦାପ୍ରଭୁଙ୍କ ବ୍ୟବସ୍ଥାରେ ଯାହାର ଆମୋଦ ଥାଏ ଓ ଯେ ଦିବାରାତ୍ର ତାହାଙ୍କର ବ୍ୟବସ୍ଥା ଧ୍ୟାନ କରେ, ସେ ଧନ୍ୟ ।'' (ଗୀତ ୧:୨) । ''ଯେପରି

ସମୁଦାୟ ଧନରେ, ସେପରି ମୁଁ ତୁମ୍ଭ ପ୍ରମାଣ ବାକ୍ୟ ରୂପ ପଥରେ ଆମୋଦ କରିଅଛି । ...ମୁଁ ତୁମ୍ଭ ବିଧିସବୁରେ ଆନନ୍ଦ କରିବି ଓ ତୁମ୍ଭର ବାକ୍ୟ ପାସୋରିବି ନାହିଁ । ...ତୁମ୍ଭ ଆଜ୍ଞା ପଥରେ ମୋତେ ଗମନ କାରଣ ତହିଁରେ ମୁଁ ଆନନ୍ଦ କରେ ।'' (ଗୀତ ୧୧୯:୧୪,୧.୩୯)

ପରମେଶ୍ୱରଙ୍କ ବାକ୍ୟ ପ୍ରଚାର ନିମନ୍ତେ ସାଧୁମାନଙ୍କ ଅଭାବ ପୂରଣ ନିମନ୍ତେ ଓ ମଣ୍ଡଳୀର ବିଭିନ୍ନ କାର୍ଯ୍ୟ ନିମନ୍ତେ ଆନନ୍ଦରେ ଦାନ ଦେଉ । କାରଣ,''...ଈଶ୍ୱର ହୃଷ୍ଟଚିତ୍ତ ଦାତାଙ୍କୁ ଭଲ ପାଆନ୍ତି ।'' (୨ କରିନ୍ଥୀ ୯:୮) ଈଶ୍ୱରଙ୍କ କାର୍ଯ୍ୟର ବ୍ୟାପ୍ତି ନିମନ୍ତେ ଓ ସାଧୁମାନଙ୍କ ଅଭାବ ମୋଚନ ନିମନ୍ତେ ଫିଲିପି ମଣ୍ଡଳୀର ଦାନ ବିଷୟରେ ପ୍ରେରିତ ପାଉଲ ସେମାନଙ୍କୁ ପ୍ରଶଂସା କରିଥିଲେ । (ଫିଲିପି ୪:୧୫-୧୯) । ପ୍ରାନ୍ତରରେ ସମାଗମ ତମ୍ବୁ ନିର୍ମାଣ ନିମନ୍ତେ ଇଶ୍ରାଏଲ ସନ୍ତାନ ଆନନ୍ଦରେ ଉପହାର ଆଣିଥିଲେ । ''ପୁଣି ପୁରୁଷ ଓ ସ୍ତ୍ରୀ ଯେତେ ଲୋକ ସ୍ୱଚ୍ଛନ୍ଦମନା ଥିଲେ...ପ୍ରତ୍ୟେକ ଜଣ ସଦାପ୍ରଭୁଙ୍କର ଉଦ୍ଦେଶ୍ୟରେ ସ୍ୱର୍ଣ୍ଣର ଉପହାର ଉତ୍ସର୍ଗ କଲେ । ...ଯେଉଁ ଯେଉଁ ପୁରୁଷ ଓ ସ୍ତ୍ରୀମାନଙ୍କର ମନ ସେମାନଙ୍କୁ ଇଚ୍ଛୁକ କଲା,ସେମାନେ ପ୍ରତ୍ୟେକେ ଉପହାର ଆଣିଲେ ।'' (ଯାତ୍ରା ୩୫:୨୨-୨୯) । ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନେ, ''...ଯେତେଲୋକର ଭୂମି ବା ଗୃହ ଥିଲା, ସେମାନେ ତାହା ବିକ୍ରୟ କରି ବିକ୍ରୀତ ସମ୍ପତ୍ତିର ମୂଲ୍ୟ ଆଣି, ପ୍ରେରିତମାନଙ୍କ ପାଦତଳେ ଥୋଉଥିଲେ । ...ଆଉ ପ୍ରତ୍ୟେକ ଜଣକୁ ତା'ର ଅଭାବ ଅନୁଯାୟୀ ବିତରଣ କରାଯାଉଥିଲା । (ପ୍ରେରିତ ୪:୩୪-୩୫)

ଆନନ୍ଦ ସହକାରେ ପରସ୍ପରର ଆତିଥ୍ୟ କରିବା ଖ୍ରୀଷ୍ଟିୟାନମାନଙ୍କ ଏକ ସୁଗୁଣ । ଆମ୍ଭମାନଙ୍କ ବିଶ୍ୱାସର ପିତା ଅବ୍ରାହାମ ଆନନ୍ଦରେ ଦେବଦୂତମାନଙ୍କୁ ଆତିଥ୍ୟ ଦେଇଥିଲେ । (ଆଦି ୧୮:୧-୮) । ''ସାଧୁମାନଙ୍କ ଅଭାବ ମୋଚନ କର, ଆତିଥ୍ୟ ସତ୍କାରରେ ବ୍ରତୀ ହୁଅ ।'' (ରୋମୀୟ ୧୨:୧୩,୧ମ ତୀମଥି ୩:୨) ଆତିଥ୍ୟ ସତ୍କାର ନ ପାସୋର, ଯେଣୁ ତଦ୍ୱାରା କେହି କେହି ଅଜ୍ଞାତସାରରେ ଦୂତମାନଙ୍କୁ ଆତିଥ୍ୟ କରିଅଛନ୍ତି । (ଏବ୍ରୀ ୧୩:୧) ।''କୁଣ୍ଠିତ ନ ହୋଇ ପରସ୍ପର ଆତିଥ୍ୟ କର ।'' (୧ମ ପିତର ୪:୯)

ସର୍ବଦା ପ୍ରଭୁଙ୍କ ଠାରେ ଆନନ୍ଦ କରୁ, କାରଣ ''ସଦାପ୍ରଭୁ ବିଷୟକ ଆନନ୍ଦ ତୁମ୍ଭମାନଙ୍କର ବଳ ଅଟେ ।'' (ନିହିମିୟା ୮:୧୦)

**- Kabita Gootam**

❋ ❋ ❋

# ମୃତ୍ୟୁ
## (Death...)

**ମୃତ୍ୟୁ ସୁନିଶ୍ଚିତ :** ଆମ୍ଭମାନଙ୍କ ଜୀବନ ଏହି ଜଗତରେ ନିତ୍ୟସ୍ଥାୟୀ ନୁହେଁ । ଇହଜଗତ ପରିତ୍ୟାଗ କରିବା ସୁନିଶ୍ଚିତ ( ୨ କରିନ୍ଥୀ ୫:୧-୧୦) । ''ଜୀବିତ ଲୋକେ ମରିବେ ବୋଲି ଜାଣନ୍ତି...'' ବୋଲି ଉପଦେଶକ କହନ୍ତି । ( ୯:୫)

**ମୃତ୍ୟୁର ସମୟ ଅନିଶ୍ଚିତ :** ମୃତ୍ୟୁ କେବେ ସମ୍ଭବ ହେବ କେହି ଜାଣନ୍ତି ନାହିଁ । ଧନୀ ଚାଷୀ ସଦୃଶ୍ୟ ଅନେକ ଅପ୍ରସ୍ତୁତ ଓ ଅକସ୍ମାତ୍ ଭାବେ ମୃତ୍ୟୁ ଭୋଗିବେ । (ଲୁକ ୨:୧୬-୨୧) । ଭକ୍ତ ଯାକୁବ କହନ୍ତି, ''କିନ୍ତୁ କାଲି କଅଣ ଘଟିବ, ତାହା ତ ତୁମ୍ଭେ ଜାଣ ନାହିଁ । ତୁମ୍ଭମାନଙ୍କର ଜୀବନ କଅଣ ? କ୍ଷଣକେ ଦୃଶ୍ୟ ହୋଇ ଅଦୃଶ୍ୟ ହୁଏ, ଯେଉଁ ବାଷ୍ପ, ତୁମ୍ଭେମାନେ ତ ତାହା ସଦୃଶ୍ୟ ! (ଯାକୁବ ୪:୧୪)

**ମୃତ୍ୟୁ ପକ୍ଷପାତୀ ନୁହେଁ :** ଯୁବା ବା ବୃଦ୍ଧ,ଧନୀ ବା ଦରିଦ୍ର, ବୁଦ୍ଧିମାନ ବା ବୁଦ୍ଧିହୀନ, ଧାର୍ମିକ ବା ଅଧାର୍ମିକ ସମସ୍ତେ ମୃତ୍ୟୁ ଭୋଗିବେ ।'' (ଗୀତ ୪୯:୧୦୬ ଶ୍ୱାସବାୟୁ ଅଟକାଇ ରଖିବାକୁ ଶ୍ୱାସବାୟୁ ଉପରେ କୌଣସି ମନୁଷ୍ୟର କ୍ଷମତା ନାହିଁ, କିଅବା ମରଣ ଦିନ ଉପରେ ତାହାର କିଛି କ୍ଷମତା ନାହିଁ...। (ଉପଦେଶକ ୮:୮)

**ଅପ୍ରସ୍ତୁତ ମନୁଷ୍ୟମାନଙ୍କ ନିମନ୍ତେ ମୃତ୍ୟୁ ଭୟଙ୍କର (ଆୟୁବ ୨୪:୧୭):**

ମରଣ ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ଭୟଙ୍କର ଅଟେ, କିନ୍ତୁ ଯେଉଁମାନେ ଅପ୍ରସ୍ତୁତ ସେମାନଙ୍କ ନିମନ୍ତେ ମରଣ ଅଧିକ ଭୟଙ୍କର । ଧାର୍ମିକ ବ୍ୟକ୍ତି ଆପଣା ଆତ୍ମା ସଦାପ୍ରଭୁଙ୍କ ହସ୍ତରେ ସମର୍ପଣ କରେ । ଦାଉଦ ଆପଦକାଳରେ କହିଲେ, ''...ଆସ, ଆମ୍ଭେମାନେ ସଦାପ୍ରଭୁଙ୍କ ହସ୍ତରେ ପଡୁ; କାରଣ ତାହାଙ୍କ ଦୟା ପ୍ରଚୁର...'' (୨ ଶାମୁୟେଲ ୨୪:୧୪) । କିନ୍ତୁ ଯେଉଁମାନେ ଅନନ୍ତଜୀବନ ନିମନ୍ତେ ଅପ୍ରସ୍ତୁତ, ସେମାନଙ୍କ ବିଷୟରେ ବାକ୍ୟ କହେ, ''ଜୀବିତ ଈଶ୍ୱରଙ୍କ ହସ୍ତରେ ପଡ଼ିବା ଭୟଙ୍କର ବିଷୟ !'' (ଏବ୍ରୀ ୧୦:୩୧)

**ପରଜୀବନ ବିଷୟରେ ଭରସାବିହୀନ ମନୁଷ୍ୟମାନଙ୍କ ନିମନ୍ତେ ମୃତ୍ୟୁ ଭୟଙ୍କର ଅଟେ :** ପ୍ରିୟମାନଙ୍କ ମୃତ୍ୟୁରେ ଶୋକାକୁଳ ହେବା ବ୍ୟକ୍ତିମାନଙ୍କୁ ବାକ୍ୟ ଭରସାହୀନ ବ୍ୟକ୍ତି ବୋଲି କହେ ! (୧ମ ଥେସ ୪:୧୩) । ପ୍ରେରିତ ପାଉଲ

କରିନ୍ଥୀ ମଣ୍ଡଳୀକୁ କହନ୍ତି, ''ଯଦି କେବଳ ଏହି ଜୀବନ ନିମନ୍ତେ ଆମ୍ଭେମାନେ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ରଖିଅଛୁ, ତେବେ ସମସ୍ତ ମନୁଷ୍ୟଙ୍କ ଠାରୁ ଆମ୍ଭେମାନେ ଦୁର୍ଭାଗ୍ୟ ।'' (୧ମ କରିନ୍ଥୀ ୧୫:୧୯)

**ମନୁଷ୍ୟ ମୃତ୍ୟୁ ପରେ ମନ ପରିବର୍ତ୍ତନ କରିବାକୁ ସୁଯୋଗ ପାଏ ନାହିଁ:** ଧନୀ ଲୋକ ଓ ଲାଜରଙ୍କ ଦୃଷ୍ଟାନ୍ତରୁ ଏହା ସ୍ପଷ୍ଟ ହୁଏ ଯେ, ମନୁଷ୍ୟ ଏହି ଜୀବନବସ୍ଥାରେ ମନ ପରିବର୍ତ୍ତନ କରିବାକୁ ସୁଯୋଗ ପାଏ, ମୃତ୍ୟୁ ପରେ ନୁହେଁ ।

**ମୃତ୍ୟୁ ଏକ ଫାଟକ :** ''କାରଣ ମୋ ବିଚାରରେ ଯେଉଁ ଗୌରବ ଆମ୍ଭମାନଙ୍କ ପ୍ରତି ପ୍ରକାଶିତ ହେବ, ତାହା ତୁଳନାରେ ଏହି ବର୍ତ୍ତମାନ କାଳର ଦୁଃଖଭୋଗ କିଛି ନୁହେଁ ।'' (ରୋମୀୟ ୮:୧୮) । ଏହି ଜୀବନରୁ ଅନନ୍ତଜୀବନରେ ପ୍ରବେଶ କରିବାକୁ ମନୁଷ୍ୟମାନଙ୍କୁ ଏହି ଫାଟକ ପାର ହେବାକୁ ହେବ । (୧ମ କରିନ୍ଥୀ ୧୫:୩୦) ମନୁଷ୍ୟ ଏହି ତତ୍କାଳୀନ ଜୀବନ ପରିତ୍ୟାଗ କରିବାକୁ ଇଚ୍ଛା କରେ ନାହିଁ । କିନ୍ତୁ ଈଶ୍ୱରଙ୍କ ଆଜ୍ଞାବହମାନଙ୍କ ନିମନ୍ତେ ସେ ଶ୍ରେଷ୍ଠତର ଜୀବନ ସାଇତି ରଖିଅଛନ୍ତି ।

**ମୃତ୍ୟୁ ଏକ ଯାତ୍ରା :** ''ଆମ୍ଭେମାନେ ସର୍ବଦା ସାହସୀ ଅଟୁଁ । ଆଉ ଏହି ଶରୀରରେ ଯେ ପର୍ଯ୍ୟନ୍ତ ନିବାସ କରୁଅଛି । ସେ ପର୍ଯ୍ୟନ୍ତ ଯେ ପ୍ରଭୁଙ୍କ ଠାରୁ ଦୂରରେ ପ୍ରବାସ କରୁଅଛୁ, ଏହା ଜାଣୁ । କାରଣ ଆମ୍ଭେମାନେ ଦୃଶ୍ୟ ବିଷୟ ଦେଇ ଜୀବନଯାପନ ନ କରି ବିଶ୍ୱାସରେ ଜୀବନଯାପନ କରୁଅଛୁ । ହଁ ଆମ୍ଭେମାନେ ସାହସୀ ଅଟୁ, ଆଉ ଶରୀର ଠାରୁ ଦୂରରେ ବାସ କରି ପ୍ରଭୁଙ୍କ ନିକଟରେ ନିବାସ କରିବାରେ ଆମ୍ଭମାନଙ୍କ ଅଧିକ ସନ୍ତୋଷ ।'' (୨ କରିନ୍ଥୀ ୫:୬-୮) । ପାଉଲ ଫିଲିପି ମଣ୍ଡଳୀକୁ ଲେଖନ୍ତି,''କାରଣ ମୋ ପକ୍ଷରେ ଜୀବନଧାରଣ ଖ୍ରୀଷ୍ଟ ପୁଣି ମୃତ୍ୟୁ ଭୋଗ ଲାଭଜନକ... ଇହଲୋକରୁ ପ୍ରସ୍ଥାନ କରି ଖ୍ରୀଷ୍ଟଙ୍କ ସହିତ ରହିବାକୁ ମୋହର ଇଚ୍ଛା, କାରଣ ତାହା ଅତି ଶ୍ରେୟସ୍କର ।'' (ଫିଲିପି ୧:୨୧-୨୩)

**ମୃତ୍ୟୁରେ ବିଶ୍ରାନ୍ତି ଲବ୍ଧି :** ''ପୁଣି ମୁଁ ସ୍ୱର୍ଗରୁ ଏହି ବାଣୀ ଶୁଣିଲି, ଲେଖ, ଯେଉଁମାନେ ଏଣିକି ପ୍ରଭୁଙ୍କ ଠାରେ ଥାଇ ମରନ୍ତି: ସେମାନେ ଧନ୍ୟ, ହଁ ଆତ୍ମା କହୁଅଛନ୍ତି, ସେମାନେ ଆପଣା ଆପଣା ପରିଶ୍ରମରୁ ବିଶ୍ରାମ ପ୍ରାପ୍ତ ହେବେ, କାରଣ ସେମାନଙ୍କ କର୍ମ ସେମାନଙ୍କର ଅନୁବର୍ତ୍ତୀ ହେବ ।'' (ପ୍ର.ବା. ୧୪:୧୩) । ସୃଷ୍ଟି ସମୟରେ ''ପରମେଶ୍ୱର ସପ୍ତମ ଦିନରେ ଆପଣାର କାର୍ଯ୍ୟ ସମାପ୍ତ କରି ସେହି

ସପ୍ତମ ଦିନରେ ଆପଣା କୃତ ସମସ୍ତ କାର୍ଯ୍ୟରୁ ବିଶ୍ରାମ କଲେ ।'' (ଆଦି ୨:୨) । ପରମେଶ୍ୱରଙ୍କ ଏହି ବିଶ୍ରାମ, ଶେଷ ବିଶ୍ରାମର ସଦୃଶ୍ୟ ଅଟେ । ଆଦିମ ଇଶ୍ରାଏଲମାନଙ୍କୁ ସେମାନଙ୍କ ବନ୍ଦୀତ୍ୱସ୍ଥା ସ୍ମରଣାର୍ଥେ ବିଶ୍ରାମବାର ପାଳନ ଆଜ୍ଞା ଦିଆଯାଇଥିଲା । ''ତୁମ୍ଭେ ସ୍ମରଣ କରିବ ଯେ, ତୁମ୍ଭେ ମିସର ଦେଶରେ ଦାସ ହୋଇଥିଲ, ମାତ୍ର ସଦାପ୍ରଭୁ ତୁମ୍ଭ ପରମେଶ୍ୱର ପରାକ୍ରାନ୍ତ ହସ୍ତ ଓ ବିସ୍ତାରିତ ବାହୁ ଦ୍ୱାରା ସେଠାରୁ ତୁମ୍ଭକୁ ବାହାର କରି ଆଣିଲେ, ଏହେତୁ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ବିଶ୍ରାମଦିନ ପାଳନାର୍ଥେ ତୁମ୍ଭକୁ ଆଜ୍ଞା ଦେଇଅଛନ୍ତି ।'' (ଦ୍ୱି.ବି. ୫:୧୫) । ମିସର ଦେଶର ଦାସତ୍ୱରୁ ସେମାନେ ମୁକ୍ତ ହୋଇ କିଣାନ ଦେଶରେ ବିଶ୍ରାମ ପାଇଥିଲେ (ଯିହୋଶୂୟ ୨୧:୪୩-୪୫) । ସେହିପରି ଆମ୍ଭେମାନେ ଏହି ଜଗତର ଦୁଃଖକଷ୍ଟ, ଯାତନାରୁ ମୁକ୍ତ ହୋଇ, ସ୍ୱର୍ଗରେ ବିଶ୍ରାମ ପ୍ରାପ୍ତ ହେବା ।

ମୃତ୍ୟୁ ନିମନ୍ତେ ଆମ୍ଭେମାନେ ପ୍ରତ୍ୟେକ ପ୍ରସ୍ତୁତ ହେଉ : ''ଆଉ ମନୁଷ୍ୟ ଯେବେ ସମସ୍ତ ଜଗତ ଲାଭ କରି ଆପଣା ଜୀବନ ହରାଏ, ତେବେ ତାହାର କି ଲାଭ ହେବ ? କିମ୍ବା ମନୁଷ୍ୟ ଆପଣା ଜୀବନ ବଦଳରେ କଅଣ ଦେବ ? (ମାଥିଉ ୧୬:୨୬) । କିପରି ପ୍ରସ୍ତୁତ ହୋଇପାରିବା ତାହାଙ୍କ ଦୃଷ୍ଟିରେ ସନ୍ତୋଷଜନକ ଜୀବନଯାପନ କରି । ''ଏଣୁ ମଧ୍ୟ ନିବାସୀ ହେଉ ବା ପ୍ରବାସୀ ହେଉ, ତାହାଙ୍କର ନିକଟରେ ସନ୍ତୋଷପାତ୍ର ହେବା ଆମ୍ଭମାନଙ୍କର ଏକାନ୍ତ ବାସନା ।'' (୨ କରିନ୍ଥୀ ୫:୯)

**- Kelvin L Moore**

❋ ❋ ❋

**Edited & Published by : Kabita & Joshua Gootam**

**5.Lord, I thought my preacher was right.**

"They received the word with all readiness of mind,and searched the scriptures daily, whether those things were so" (Acts 17:11).

**6.Lord, I didn't think I was good enough.**

"Such were some of you:but ye are washed, but ye are Sanctified,but ye are justified" (1 Corinthians 6:11).

**7.Lord, I was afraid to offend my family.**

"He that loveth father or mother more than me is not worthy of me" (Matthew 10:37).

**8.Lord, the Church was not popular.**

"God saws that the wickedness of man was great in the earth... but Noah found grace in the eyes of the Lord" (Genesis 6:5-8).

**9.Lord, there were too many hypocrites in the Church.**

"We must all appear before the judgement seat of Christ;that every one may receive the things done in his body,according to that he hath done,whether it be good or bad" (2 Corinthians 5:10).

**10.Lord, I thought there was plenty of time.**

"But God said unto hims, Thou fool,this night thy soul shall be required of thee...."(Luck 12:20)

# Good Advice

| | |
|---|---|
| WALK | like Enoch |
| WORSHIP | like Abel |
| WORK | like Nehemiah |
| WEEP | like Jeremaiah |
| OBEY | like Job |
| LEAD | like Moses |
| PRAY | like Daniel |
| WIN | like Paul |
| LIVE | like Christ |

-Robert A.Glass.

***Printed Book Only***

From :

**SATYA VANI**
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)